# ପିଲାମାନଙ୍କ ପାଇଁ ବାଇବଲ

## ଉପହାର

# ଯୀଶୁ ବାରଜଣ ଶିଷ୍ୟଙ୍କୁ ବାଛିଲେ




ଲେଖକ: Edward Hughes

ଅନୁବାଦକ: Prasanta Bhuyan

ଦୃଷ୍ଟାନ୍ତ: Byron Unger; Lazarus

ଉପଯୋଜକ: E. Frischbutter; Sarah S.


କାହାଣି ୬୦ ରୁ ୩୯


**www.M1914.org**

***Bible for Children,*** *PO Box 3, Winnipeg, MB R3C 2G1 Canada*



ଅନୁମତି ସ୍ୱତ୍ୱ: ଏଠାରେ ଥିବା ସବୁ କାହାଣୀର ଅବିକଳ ନକଲ ଅବା ପ୍ରିଣ୍ଟ କରିବାକୁ ଆପଣଙ୍କର ଅଧୀକାର ଅଛି,·
ଯେଉଁ ପର୍ଯ୍ୟନ୍ତ ଆପଣ ଏହାକୁ ବିକ୍ରୀ କରନ୍ତି ନାହିଁ ।


ଓଡ଼ିଆ

Oriya

ଯୀଶୁ ଅଦ୍ଭୁତ ବିଷୟ ଗୁଡ଼ିକ କଲେ । ସେ ରୋଗ ସୁସ୍ଥ କଲେ, ଅଶାନ୍ତ ଲୋକମାନଙ୍କ ହୃଦୟ ଓ ମନରେ ଶାନ୍ତି ଦେଲେ । ଏବଂ ପରମେଶ୍ୱରଙ୍କ ବାକ୍ୟକୁ ଶିକ୍ଷା ଦେଲେ ।



1

ଲୋକଗହଳି ସୁସ୍ଥତା ଓ ସାହାଯ୍ୟ ନିମନ୍ତେ ତାଙ୍କ ନିକଟକୁ ଆସିଲେ । ସେ ତାଙ୍କର ଅନେକ ଅନୁଗମନ କାରି ମାନଙ୍କ ମଧ୍ୟରୁ ବାର ଜଣଙ୍କୁ ନିଜର ଶିଷ୍ୟ ହେବା ।



2


ନିମନ୍ତେ ଆମନ୍ତ୍ରଣ କଲେ, ଯେପରି ସେମାନେ ତାଙ୍କୁ ଇଶ୍ୱରଙ୍କ କାର୍ଯ୍ୟ କରିବାରେ ସାହାଯ୍ୟ କରିପାରନ୍ତି ।
3


ଯଦି ତୁମର କିଛି ମହତ୍ୱପୂର୍ଣ୍ଣ ବିଷୟ ପସନ୍ଦ ଅଛି, ଆପଣ କି ପରମେଶ୍ୱରଙ୍କୁ ପ୍ରାର୍ଥନା କରନ୍ତି? ଯୀଶୁ କିନ୍ତୁ ପ୍ରାର୍ଥନା କରୁଥିଲେ, ଗୋଟିଏ ନିର୍ଜନ ପର୍ବତମୟ ସ୍ଥାନରେ ସେ ନିଜର ସ୍ୱର୍ଗବାସି ପିତାଙ୍କ ସହିତ କଥାବାର୍ତ୍ତା କରୁଥିଲେ । ଯୀଶୁ ବେଳ ବୁଡ଼ିବା ସମୟ ପର୍ଯ୍ୟନ୍ତ ପ୍ରାର୍ଥନା କରୁଥିଲେ ।
4


ଯୀଶୁ ଅନ୍ଧାର ରାତ୍ରୀରେ ରାତ୍ରୀସାରା ପ୍ରାର୍ଥନାରେ ରହୁଥିଲେ ।
5


ସକାଳ ସମୟରେ, ଯୀଶୁ ନିଜର ଶିଷ୍ୟମାନଙ୍କୁ ଡାକିଲେ ସମସ୍ତ ବନ୍ଧୁ ଯେଉଁମାନେ ତାହାଙ୍କର ବାଧ୍ୟତା ଥିଲେ ଓ ତାଙ୍କର ସେବା କରୁଥିଲେ ।
6


ସେମାନଙ୍କ ମଧ୍ୟରୁ ସେ ମୁଖ୍ୟତ ବାର ଜଣଙ୍କୁ ବିଶେଷ ସାହାଯ୍ୟକାରୀ କିମ୍ବା ଶିଶ୍ୟ ରୁପରେ ଆହ୍ୱାନ କଲେ ।
7


ଯୀଶୁ ଯେ ପ୍ରଥମ ଦୁଇଜଣଙ୍କୁ ଆହ୍ୱାନ କଲେ ସେମାନେ ଦୁଇ ଭାଇ ଥିଲେ, ଶିମୋନ ପିତର ଓ ଆନ୍ଦ୍ରିୟ । ଯେତବେଳେ ଯୀଶୁ ସେମାନଙ୍କୁ ତାଙ୍କ ପଛରେ ଯିବାକୁ ଡାକିଲେ ସେମାନେ ନିଜର ମତ୍ସ୍ୟ ବ୍ୟବସାୟ ତ୍ୟାଗ କଲେ ।
8


ଯାକୁବ ଓ ଯୋହନ, ଜେବଦୀଙ୍କ ପୁତ୍ର ଥିଲେ ।
ସେମାନେ ମଧ୍ୟ ନିଜର ମାଛ ଧରିବା ଜାଲ
ପରିତ୍ୟାଗ କଲେ ।
9


ଯୀଶୁ ଫିଲିପ୍ପ, ବାର୍ଥଲୋମି, ମାଥିଉ, ଥୋମା, କିଣାନିୟ ଶିମୋନ, ଯାକୁବ ଆଲ୍‌ଫିଙ୍କ ପୁତ୍ର,
ଥଦ୍ଦିୟ, ଇଷ୍କାରିୟୋତ ଯିହୁଦା, ଯେ କି ପରିଶେଷରେ ଯୀଶୁଙ୍କର ଶତ୍ରୁ ହୋଇଗଲେ ।
10


ଯୀଶୁ ତାଙ୍କର ଶିଷ୍ୟମାନଙ୍କୁ ଶିକ୍ଷାଦେଇ କହିଲେ
ଯେ ସେ ଯାହା କରିବାକୁ କହନ୍ତି ତାହା କରିବା
ଏକ ସୁଦୃଢ଼ ମୂଳଦୁଆ ଉପରେ ଘର ଗଢ଼ିବା
ସଂଙ୍ଗେ ସମାନ ଅଟେ । ଭୟଙ୍କର ଝଡ଼
ତୋଫାନ ହେଲେହେଁ ତାହାର କିଛି
କ୍ଷତି କରି ପାରିବ ନାହିଁ ।
11


କିନ୍ତୁ ଯୀଶୁଙ୍କ ବାକ୍ୟ ପାଳନ ନ କରିବା ଏକ ବାଲୁକାମୟ ସ୍ଥାନର ମୂଳଦୁଆ ଉପରେ ଘର ଗଢ଼ିବା
ସଂଙ୍ଗେ ସମାନ ଅଟେ । ଯେତେବେଳେ ଝଡ଼ ଆସେ ସେହି ଘରଟି ଭାଙ୍ଗିଯାଏ ।
12


ଯୀଶୁଙ୍କର କେତେକ ଆଜ୍ଞା ଗୁଡ଼ିକ ପାଳନ କରିବା ସହଜ
ନଥିଲା । ଯଦି କେହି ତୁମ ଡାହାଣ ଗାଲରେ ଚ଼ାପୁଡ଼ା ମାରିବ
ତେବେ ତାଙ୍କୁ ବାମ ଗାଲ ମଧ୍ୟ ଦେଖାଇଦିଅ, ସେ ଶିକ୍ଷା
ଦେଉଥିଲେ । ତୁମ୍ଭମାନଙ୍କର ଶତ୍ରୁମାନଙ୍କୁ ପ୍ରେମ କର ।
ଲୋକମାନଙ୍କୁ ଯୀଶୁଙ୍କ ପରି ବଞ୍ଚିବାକୁ
ପରମେଶ୍ୱରଙ୍କ
ସାହାଯ୍ୟର
ଆବଶ୍ୟକ ।
13


ଯୀଶୁମଧ୍ୟ ଲୋକମାନଙ୍କୁ ଲୋକ ଦେଖାଣିଆ ନ
ହୋଇ ଗୁପ୍ତଭାବରେ ପ୍ରାର୍ଥନା କରିବାକୁ କହିଲେ
କେତେକ ଧର୍ମ ଗୁରୁମାନେ ଲୋକମାନଙ୍କ
ସାମ୍ନାରେ ପ୍ରାର୍ଥନା କରିବାକୁ ପସନ୍ଦ କରୁଥିଲେ ।
14

ଯୀଶୁ କହିଲେ ଯେଉଁମାନେ
ପରମେଶ୍ୱରଙ୍କ ଉପରେ ଭରଷା ରଖନ୍ତି
ସେ ସେମାନଙ୍କୁ ଖାଦ୍ୟ ଓ ବସ୍ତ୍ର ଯୋଗାନ୍ତି ।



15

ଯେପରି ପରମେଶ୍ୱର ପକ୍ଷିମାନଙ୍କୁ ଖାଦ୍ୟ
ଓ ଫୁଲମାନଙ୍କୁ ଓ ଲତାମାନଙ୍କୁ ସୁନ୍ଦର ରଙ୍ଗ
ଦିଅନ୍ତି, ତାଙ୍କରି ଲୋକମାନେ ନିଜର ସମସ୍ତ
ଆବଶ୍ୟକ ନିମନ୍ତେ ତାଙ୍କ ଉପରେ
ଭରଷା କରିପାରନ୍ତି ।



16

ସେହିଦିନ ଯୀଶୁ ନିଜର ନବ ନିର୍ବାଚିତ
ଚେଲାମାନଙ୍କୁ ଅନେକ ପ୍ରକାରର ଶିକ୍ଷା
ଦେଲେ । ତାଙ୍କର ଶିକ୍ଷା ସରିବା ପରେ ଜଣେ
କୁଷ୍ଠରୋଗୀ ତାଙ୍କ ନିକଟକୁ ଆସିଲେ, ସେ
ଯୀଶୁଙ୍କୁ ପ୍ରାର୍ଥନା କଲେ ଯେ ସେ ଯେପରି
ତାଙ୍କୁ ସୁସ୍ଥ କରନ୍ତି ।



17

ଯୀଶୁ କୁଷ୍ଠରୋଗୀଙ୍କୁ ଉତ୍ତର ଦେଲେ,
ମୁ ତୁମକୁ ସୁସ୍ଥ କରିବି । ସୁସ୍ଥ ହୁଅ ।
ଶିଶ୍ୟମାନଙ୍କ ସାମ୍ନାରେ, କୁଷ୍ଠରୋଗୀ
ସୁସ୍ଥତା ପାଇଲା । ସେ ସୁସ୍ଥତା
ପଇଲା! କେବଳ ପରମେଶ୍ୱରଙ୍କ ପୁତ୍ର
ତାହା କରିପାରନ୍ତି । ଶିଶ୍ୟମାନେ ଜାଣି
ପାରିଥିଲେ ଯେ ସେମାନଙ୍କ ପାଖରେ
ଅଦ୍ଭୁତ ଧରଣର ଶିକ୍ଷକ ଅଛନ୍ତି ।



18

ଯୀଶୁ ବାରଜଣ ଶିଶ୍ୟଙ୍କୁ ବାଛିଲେ

**ବାଇବଲ, ପରମେଶ୍ୱରଙ୍କ ବାକ୍ୟରୁ ଏକ କହାଣୀ**

**ରୁ ଅନୁସନ୍ଧାନ କରାଯାଇଅଛି**

ମାଥିଉ ୪-୭, ମାର୍କ ୧, ଲୁକ ୬

**"ତୁମ୍ଭ ପ୍ରଦେଶର ଶବ୍ଦ ଆଲୋକ ପ୍ରଦାନ କରିବ ।"**
**ଗୀତସଂହିତା ୧୧୯ : ୧୩୦**

ଆମ୍ଭେମାନେ ମନ୍ଦକାର୍ଯ୍ୟ କରିଅଛୁ ତାହା ଇଶ୍ୱର ଜାଣନ୍ତି, ଆଉ ତାହାକୁ ଇଶ୍ୱର
କହନ୍ତି ପାପ । ଆଉ ପାପର ବେତନ ହେଉଛି ମୃତ୍ୟୁ ।

ଇଶ୍ୱର ଆମ୍ଭମାନଙ୍କୁ ଏଡ଼େ ପ୍ରେମକଲେ ଯେ, ଆପଣା ଅଦ୍ୱିତୀୟ ପୁତ୍ର ଯୀଶୁଙ୍କୁ
ଆମ୍ଭମାନଙ୍କର ପାପ ସକାଶୁ କ୍ରୁଶ ଉପରେ ମୃତ୍ୟୁବରଣ କରିବାକୁ ପଠାଇଲେ ।
ଯୀଶୁ ପୁନର୍ବାର ଜୀବନ କୁ ଫେରିଲେ, ଆଉ ସେ ସ୍ୱର୍ଗ ଆରୋହନ କଲେ ବର୍ତ୍ତମାନ୍
ଅନନ୍ତର ପରମେଶ୍ୱର ଆମ୍ଭମାନଙ୍କର ପାପକ୍ଷମା କରି ପାରିବେ ।

ଯଦି ତୁମ୍ଭେ ତୁମ୍ଭ ପାପରୁ ଫେରିବାକୁ ଚାହଁ, ତେବେ ଏହା ଇଶ୍ୱରଙ୍କୁ କୁହନ୍ତୁ:
ପ୍ରିୟର ଇଶ୍ୱର ମୁ ବିଶ୍ୱାସ କରେ ଯୀଶୁଖ୍ରୀଷ୍ଟ ମୋ ନିମନ୍ତେ ମୃତ୍ୟୁଭୋଗ କଲେ,
ବର୍ତ୍ତମାନ ସେ ଜୀବିତ ଅଟନ୍ତି । ଦୟାକରି ମୋର ପାପସବୁ କ୍ଷମା କର ଏବଂ ମୋ
ଜୀବନକୁ ଆସ, ତଦ୍ୱାରା ବର୍ତ୍ତମାନ୍ ଠାରୁ ମୁଁ ଏକ ନୂତନ ଜୀବନ ପ୍ରାପ୍ତ ହୋଇ
ତୁମ୍ଭଠାରେ ଚିରକାଳ ସ୍ଥାୟୀ ହେବି । ତୁମ୍ଭର ସନ୍ତାନ ହୋଇ ତୁମ୍ଭଠାରେ ବାସକରିବା
ପାଇଁ ମୋତେ ସାହାଯ୍ୟ କରନ୍ତୁ । ଆମେନ୍ (ଯୋହନ ୩:୧୬)

ବାଇବଲ୍ ଅଧ୍ୟୟନ କରନ୍ତୁ ଆଉ ପ୍ରତ୍ୟେକ ଦିନ ଇଶ୍ୱରଙ୍କ
ସହିତ କଥୋପକଥନ ହୁଅନ୍ତୁ ।